## ଆଜିଠୁ ଜିଲ୍ଲା ମହୋତ୍ସବ 'କଲ୍ଲୋଳ'

# ଦୁଲୁକିବ ଜଗତସିଂହପୁର

- ୫ ଦିନିଆ କାର୍ଯ୍ୟକ୍ରମ
- ଯୋଗଦେବେ ମୁଖ୍ୟମନ୍ତ୍ରୀ ଏବଂ ପଦ୍ମଶ୍ରୀ ପ୍ରତିଭା ରାୟ
- ପଲ୍ଲୀଶ୍ରୀମେଳାରେ ରହିବ ଫୁଡ଼ କୋର୍ଟ

ଜଗତସିଂହପୁର,୩୧।୩ (ସମିସ): ଏପ୍ରିଲ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ହେଉଛି ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ - ୨୦୨୫। କଲ୍ଲୋଳ - ୨୦୨୫ ଓ ଓଡ଼ିଶା ଦିବସକୁ ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ମହୋତ୍ସବ କଲ୍ଲୋଳ - ୨୦୨୫ ଏବଂ ପଲ୍ଲୀଶ୍ରୀ ମେଳା ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୫ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ୩ ତାରିଖ ଦିନ ଜିଲ୍ଲା ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହିଦିନ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ୫ ତାରିଖ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା , ୨ ତାରିଖରେ ପଦ୍ମଭୂଷଣ ଡଃ ପ୍ରତିଭା ରାୟଙ୍କ ସମେତ, ମନ୍ତ୍ରୀ, ସାଂସଦ, ବିଧାୟକ, ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ, ଉପାଧ୍ୟକ୍ଷ , ଆଇଓସି ଏଲ ନିର୍ଦ୍ଦେଶକ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଏପ୍ରିଲ ୩ରେ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ତାଙ୍କ ଓଡିଶୀ ନୃତ୍ୟ ଦଳ ସହିତ କଲ୍ଲୋଳରେ ଯୋଗଦେବେ। ଓଡ଼ିଶା ଦିବସର ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯିବ। ସେହିପରି ୧୫୦ ଷ୍ଟଲ୍ ବିଶିଷ୍ଟ ପଲ୍ଲିଶ୍ରୀ ମେଳାରେ ୨୦ ଷ୍ଟଲର ଫୁଡ୍‌କୋର୍ଟ ଆୟୋଜିତ ହେବ। ପଲ୍ଲୀଶ୍ରୀ ମେଳାରେ ସ୍ଥାନୀୟ ଓ ଅନ୍ୟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଜିନିଷ ବିକ୍ରୟ କରାଯିବ। ପ୍ରତ୍ୟେକ ଦିନ ସଭା ପୂର୍ବରୁ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୪ ତାରିଖ ଦିନ ବଲିଉଡ୍ ଗାୟକ ଜାଭେଦ ଅଲ୍ଲୀ ଓ ଟିମ୍ ମୁଖ୍ୟ ଆକର୍ଷଣ ରହିବେ। ଏହା ବ୍ୟତୀତ ୫ ଦିନ ବ୍ୟାପି ଓଲିଉଡର ପପୁ ପମପମ୍, ପ୍ରଜ୍ଞା ହୋତା, ରୁକ୍ସନା ଏବଂ ବିଭିନ୍ନ ଜିଲ୍ଲାର ଲୋକସଙ୍ଗୀତ, ଲୋକ ନୃତ୍ୟ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଥମ ଦିନ ଓଡ଼ିଶୀ, ଘଟ ନୃତ୍ୟ ପରିବେଷଣ କରାଯିବ। ଅନ୍ୟ ଦିନ ଗୁଡ଼ିକରେ ଆଦିବାସୀ ଢେମସା, ଲାବନୀ, ଘୁମୁରା, ବାଘ ନୃତ୍ୟ, ପାଇକ ଆଖଡ଼ା, କୁଚିପୁଡ଼ି, ପଞ୍ଜାବୀ ଭାଙ୍ଗଡା, ସାହିଯାତ, ଗୋଟିପୁଅ , ଢାପ ନୃତ୍ୟ ପରିବେଷଣ କରାଯିବ ବୋଲି ଜିଲ୍ଲାପାଳ ଜେ. ସୋନାଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଜିଲ୍ଲାପାଳ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା, ପାର୍କିଂ ଆଦି ବିଷୟରେ ସୂଚନା ଦେବା ସହିତ 'କଲ୍ଲୋଳ'କୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ଇଦ୍-ଉଲ୍-ଫିତର ପାଳିତ

କୁଜଙ୍ଗ, ୩୧।୩(ସମିସ): କୁଜଙ୍ଗ ଜାମା ମସ୍‌ଜିଦରେ ଧୁମଧାମରେ ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଛି। ସମସ୍ତ ସାହି ଅଞ୍ଚଳରେ ତୋରଣ ନିର୍ମାଣ ସହିତ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ସୋମବାର ସକାଳେ ମୁସଲିମ ସମ୍ପ୍ରଦାୟର



ଭାଇମାନେ ନବବସ୍ତ୍ର ପରିଧାନ କରି ମସଜିଦରେ ସମୂହ ନମାଜ ପାଠ କରିଥିଲେ।ନମାଜ ପାଠପରେ ସମୂହ ସମାଧି ସ୍ଥଳରେ ପହଞ୍ଚି ପ୍ରାର୍ଥନା କରିଥିଲେ। ମସଜିଦ ନିକଟକୁ ଫେରି ମିଠାଖାଇ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ସମସ୍ତ ଗାଡି ଚାଳକ , ପଥଚାରୀଙ୍କୁ ପାନୀୟ ଜଳ ଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶୁଶାନ୍ତ କୁମାର ପଟ୍ଟନାୟକ କୁଜଙ୍ଗ ମୁସଲମାନ ଭାଇମାନଙ୍କ ସହିତ ଯୋଗଦେଇ କୁଜଙ୍ଗ ଅଞ୍ଚଳରେ ହିନ୍ଦୁ ମୁସଲମାନ ମାନଙ୍କ ଭିତରେ ଭାଇଚାରାର ସମ୍ପର୍କ ଜିଲ୍ଲା ପାଇଁ ଏକ ନିଆରା ବାର୍ତ୍ତା ସୃଷ୍ଟି କରିଛି ବୋଲି କହିଥିଲେ। ମୁସଲମାନ ଭାଇମାନଙ୍କ ସହିତ ଇଦୁଲ ଫିତର ପର୍ବ ପାଳନ କରିଥିଲେ। କୁଜଙ୍ଗ ମୁସଲମାନ ବସ୍ତିର ସର୍ଦ୍ଦାର ସେକ୍ ୱାସକ୍ ଉଲ୍ଲା, ତଜମୁଲ୍ ହୁସେନ୍ ମଲ୍ଲିକ୍, କଲ୍ଲିମ୍ ଉଲ୍ଲା, ସମ୍ ସୁଦ୍ଦିନ୍ ଖାଁ, ଅବଦୁଲ୍ଲା ଖାଁ, ନିଆଜ୍ ଖାଁ, ସଲିମ୍ ଖାଁ, ମହମ୍ମଦ ସିରାଜ ଉଦ୍ଦିନ୍, ମହମ୍ମଦ ନିଜା ମୁଦ୍ଦିନ୍, ଇସୁଫ୍ ଅଲ୍ଲି ,ଫିରୋଜ ଖାଁ,ସେହବାଜ୍ ଖାଁ ପ୍ରମୁଖ ଗରିବ ଲୋକମାନଙ୍କୁ ଫଳ,ବିସ୍କୁଟ ଓ ନୂଆବସ୍ତ୍ର ବଣ୍ଟନ କରିଥିଲେ।




> ସ୍ମୃତି ମୋ ମାଟିର' କାର୍ଯ୍ୟକ୍ରମ

## ପାରାଦୀପରେ ଜାତୀୟ ସାମୁଦ୍ରିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଶ୍ୱବିଦ୍ୟାଳୟ ପାଇଁ ପ୍ରସ୍ତାବ

ଜଗତସିଂହପୁର,୩୧।୩(ସମିସ): ମାଟିର ସଫଳ ବ୍ୟକ୍ତିଙ୍କ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତିରେ ଭାଗୀଦାରୀ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ହୋଇ ଆସୁଥିବ ମାସିକ ଯୁବ ବୁଦ୍ଧିଜୀବୀ ସଂଗୋଷ୍ଠୀ "ସ୍ମୃତି ମୋ ମାଟିର' କାର୍ଯ୍ୟକ୍ରମର ୪୩ ତମ ଅର୍ଘ୍ୟରେ ବିଶିଷ୍ଟ ଶିକ୍ଷାବିତ ତଥା ପାଣିପାଗ ବିଶେଷଜ୍ଞ ପ୍ରଫେସର ଉମା ଚରଣ ମହାନ୍ତି ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟର କେନ୍ଦ୍ରବିନ୍ଦୁ ଭାବେ ଜଣାଶୁଣା ବଙ୍ଗୋପସାଗର ଉପକୂଳରେ ଏକ ଜାତୀୟ ସାମୁଦ୍ରିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ରଖିଛନ୍ତି। ଭାରତ ତଥା ବିଶ୍ୱର ଜଣେ ସୁପ୍ରସିଦ୍ଧ ପାଣିପାଗ ବିଜ୍ଞାନୀ ପ୍ରଫେସର ମହାନ୍ତି ଜଗତସିଂହପୁର ଜିଲ୍ଲାର ଖୋରତ ଗ୍ରାମରେ ଜନ୍ମ ଗ୍ରହଣ କରି ତାଙ୍କ କଠୋର ଅଧ୍ୟବସାୟ ଓ ଏକ ନିଷ୍ଠ ସାଧନା ବଳରେ ପାଣିପାଗ ବିଜ୍ଞାନ କ୍ଷେତ୍ରରେ ଅନନ୍ୟ ଅବଦାନ ରଖିପାରିଛନ୍ତି। ତାଙ୍କ ଜୀବନ କାଳର ଦୀର୍ଘ ଅନୁଭବକୁ ପାଥେୟ କରି ସେ ପାରାଦୀପ ଭଳି ପାଣିପାଗ ସମ୍ବେଦନଶୀଳ ଅଞ୍ଚଳରେ ଏକ ମେରାଇନ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଦସ୍ତାବିଜ ପ୍ରସ୍ତୁତ କରିଛନ୍ତି। ସେ ଦୀର୍ଘ ଜୀବନର ଅନୁଭୂତି ବାଣ୍ଟିବା ସହିତ ନିଜ ଜିଲ୍ଲାରେ ଏହି ଅନୁଷ୍ଠାନଟି ପ୍ରତିଷ୍ଠା କରିବା ପାଇଁ ତାଙ୍କର ଏକାନ୍ତ ଆକାଂକ୍ଷା ରହିଛି ବୋଲି ପ୍ରକାଶ କରିଥିଲେ। ଜଗତସିଂହପୁର ବିକାଶ ମଞ୍ଚ, ମହାତାଗାନ୍ଧୀ ସର୍ବସାଧାରଣ ଜ୍ଞାନକେନ୍ଦ୍ର ଓ ନୂଆଦିଲ୍ଲୀ ଓଡିଆ ବୁଦ୍ଧିଜୀବୀ ଫୋରମ ଦି ଇଣ୍ଟେଲେକ୍ଟସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରୁଥିବା ଆବାହକ ଶ୍ରୀ ରାଉତ ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିବା ସହିତ ଏହାକୁ ବାସ୍ତବାତରେ ରୂପାୟନ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ଆନୁଷ୍ଠାନିକ କଥାବାର୍ତ୍ତା କରିବା ପାଇଁ ଦାୟିତ୍ୱ ନେଇଛନ୍ତି। ଏହି ଆଲୋଚନା ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାହିତ୍ୟିକ ଡଃ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଚୌଧୁରୀ ବରାଦ ପ୍ରସାଦ ଦାସ, ଶିକ୍ଷାବିତ୍ ଉତ୍କଳ ରଞ୍ଜନ ମହାନ୍ତି, ଡଃ ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ ପ୍ରଦାନ କରିଥିବା ବେଳେ ଓଁକାର ଧ୍ୱନୀ ପଣ୍ଡିତ ନାଗୁଚରଣ ଦେବତା କରିଥିଲେ। ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲାରେ ମେଡ଼ିକାଲ କଲେଜ ଓ ଏୟାରପୋର୍ଟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କବୟିତ୍ରୀ ମହାସ୍ୱିତା ଓଝାଙ୍କ ସଂଯୋଜନାରେ ନିଜ ଜନ୍ମମାଟିକୁ ଫେରିବା ପାଇଁ ଆହ୍ୱାନ ଧର୍ମୀ କବିତା ଆସର "ଗାଁ ମଣିଷ' ରେ ଅନେକ ଯୁବ ତଥା ବରିଷ୍ଠ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ କବି ରମେଶ ଚନ୍ଦ୍ର ବହିରା କବିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିକୁଦା ଝିଅ ମନୋବ୍ରତା ଶତପଥୀଙ୍କୁ ମିଳିବ ଡିଜି ପୁଲିସ ଡିସ୍କ ସମ୍ମାନ

ବାଲିକୁଦା,୩୧।୩ (ସମିସ): ବାଲିକୁଦା ଝିଅ ମନୋବ୍ରତା ଶତପଥୀଙ୍କୁ ମିଳିବ ଡିଜି ପୁଲିସ ଡିକ୍ସ ସମ୍ମାନ। ଆସନ୍ତାକାଲି ରାଜ୍ୟ ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ସେ ଏହି ସମ୍ମାନ



ପାଇବେ। ତେଣୁ ବାଲିକୁଦା ସମେତ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସଂଗଠନ ଓ ବ୍ୟକ୍ତିମାନେ ଏହି ଗୌରବ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ, ଆଇନଜୀବୀ ବୀର ନାରାୟଣ ପାତ୍ର, ସ୍ଥାନୀୟ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ, ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁଙ୍କ ସମେତ ବହୁ ଲୋକ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, ମନୋବ୍ରତା ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ କୁଳିଆଗାଁର ତଥା ବାଲିକୁଦା କଲେଜର ବାଣିଜ୍ୟ ବିଭାଗର ଅଧ୍ୟାପକ ଦେବବ୍ରତ ଶତପଥୀ ଓ କବୟିତ୍ରୀ ମନୋରମା ଶତପଥୀଙ୍କ ଝିଅ। ସେ ଏବେ କୋରାପୁଟରେ ଅତିରିକ୍ତ ପୁଲିସ ଅଧୀକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି।

## କୁଜଙ୍ଗ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

କୁଜଙ୍ଗ, ୩୧।୩(ସମିସ): କୁଜଙ୍ଗ ବ୍ଲକ ଆନୁକୂଲ୍ୟରେ ବ୍ଲକ ପଡ଼ିଆଠାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ୮୨ ଜଣ ହିତାଧିକାରୀଙ୍କୁ ଏହି ଯୋଜନା ମାଧ୍ୟମରେ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏଥିମଧ୍ୟରୁ ୧୧ ଜଣ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ, ୩୮ ଜଣ ଭିନ୍ନକ୍ଷମ, ୨୬ ଜଣ ବିଧବା ମହିଳା, ୭ ଜଣ ସମ୍ପୂର୍ଣ୍ଣ ଘରପୋଡି ଯାଇଥିବା ହିତାଧିକାରୀ ବୋଲି ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧ ଦିଲୀପ କୁମାର ବେହେରା, ଅତିରିକ୍ତ ମଣ୍ଡଳଉନ୍ନୟନଅଧିକାରୀ ପ୍ରଶାନ୍ତକୁମାରଜେନାଙ୍କ ଉପସ୍ଥିତିରେ ମଣ୍ଡଳଉନ୍ନୟନ ଅଧିକାରୀ, ବିକାଶ କୁମାର ମହାନ୍ତି ୮୨ ଜଣ ଚିହ୍ନଟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ରିୟ ରାଉତ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ତିର୍ତ୍ତୋଲ,୩୧।୩(ସମିସ): କଟକ-ପାରାଦୀପ ମୁଖ୍ୟ ରାସ୍ତାର କୋଟକଣା ବଜାର ନିକଟରେ ରାସ୍ତା ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ତେନ୍ତୁଳିପଦା ଗ୍ରାମର ଚୌଧୁରୀ ବିଭୁ ପ୍ରସାଦ ପରିଜା(୬୧) ଅପରାହ୍ନରେ ସ୍କୁଟିରେ ନିଜ ଘରକୁ ଫେରୁଥିବାବେଳେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲେ। ତାଙ୍କୁ ନିକଟସ୍ଥ ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ପ୍ରଥମେ କଟକ ବଡ଼ ଡାକ୍ତରଖାନା ଓ ପରେ ଏକ ଘରୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।




■ ଓମ୍ପା କର୍ମକର୍ତ୍ତା ନିର୍ବାଚନ

## ଦୁଇ ଟିମ୍‌କୁ ମିଳିଲା ନିର୍ବାଚନୀ ଚିହ୍ନ

ପାରାଦୀପ, ୩୧।୩ (ସମିସ) : ଓମ୍ପା (ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ) କର୍ମକର୍ତ୍ତା ନିର୍ବାଚନ ଏପ୍ରିଲ ୯ ତାରିଖ ବୁଧବାର ଅନୁଷ୍ଠିତ ହେବ। ଏନେଇ ପ୍ରାର୍ଥୀପତ୍ର ଦାଖଲ କରିଥିବା ଟିମ୍‌ର କର୍ମକର୍ତ୍ତା ମାନଙ୍କୁ ଆଜି ନିର୍ବାଚନୀ ଚିହ୍ନ ମିଳିଛି। ତେବେ ସଭାପତି ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଶ୍ରୀକାନ୍ତ ପରିଡା (ଲିଟୁ)ଙ୍କୁ ମାଛ ଚିହ୍ନ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅମରଜିତ ଜେନା (କୁନା) ଙ୍କୁ ବୋର୍ଟ ଚିହ୍ନ ମିଳିଛି। ସେହିପରି ଉପସଭାପତି (କ) ପାଇଁ ମାନସ ରଞ୍ଜନ ପଡିୟାରିଙ୍କୁ ଚଷମା ଚିହ୍ନ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜୟ କୁମାର ମହାନ୍ତିଙ୍କୁ ଟୁଲ ଚିହ୍ନ ମିଳିଛି, ଉପସଭାପତି (ଖ) ପାଇଁ ପ୍ରହଲ୍ଲାଦ ବିଶ୍ୱାଳଙ୍କୁ ସୂର୍ଯ୍ୟ ଚିହ୍ନ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁବାଷ ପଟ୍ଟନାୟକଙ୍କୁ ହାତୀ ଚିହ୍ନ ମିଳିଛି। ସାଧାରଣ ସମ୍ପାଦକ ପଦବୀ ପାଇଁ ଅରବିନ୍ଦ ସ୍ୱାଇଁଙ୍କୁ ମୃଦଙ୍ଗ ଚିହ୍ନ ମିଳିଥିବା ବେଳେ ରଶ୍ମି ରଞ୍ଜନ ପରିଡ଼ାଙ୍କୁ ବସ୍ ଚିହ୍ନ ମିଳିଛି। ଯୁଗ୍ମ ସମ୍ପାଦକ ପାଇଁ ଚନ୍ଦ୍ର ଶେଖର ମହାନ୍ତିଙ୍କୁ ଚିଙ୍ଗୁଡ଼ି ଚିହ୍ନ ମିଳିଥିବା ବେଳେ ବିଭୁ ପ୍ରସାଦ ଚୌଧୁରୀଙ୍କୁ ନଡିଆ ଗଛ ଚିହ୍ନ ମିଳିଛି। ସମ୍ପାଦକ (ସାଙ୍ଗଠନିକ ଓ ସାଂସ୍କୃତିକ) ପଦବୀ ପାଇଁ ବସନ୍ତ କୁମାର ମହାନ୍ତିଙ୍କୁ କଳସ ଚିହ୍ନ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଶିବ ପ୍ରସାଦ ବିଶ୍ୱାଳଙ୍କୁ ସାଇକଲ ଚିହ୍ନ ମିଳିଛି। ସହ ସମ୍ପାଦକ (କ) ପଦବୀ ପାଇଁ ସରୋଜ ବୋଇତେଇଙ୍କୁ ଦୀପ ଚିହ୍ନ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱଜିତ ସ୍ୱାଇଁଙ୍କୁ ନିକିତି ଚିହ୍ନ ମିଳିଛି। ସହ ସମ୍ପାଦକ (ଖ) ପାଇଁ ନିରଞ୍ଜନ ବେହେରାଙ୍କୁ କପ୍‌ପ୍ଲେଟ ଚିହ୍ନ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦୀପକ କରଣଙ୍କୁ ମୋବାଇଲ ଚିହ୍ନ ମିଳିଛି। କୋଷାଧ୍ୟକ୍ଷ ପାଇଁ ପୁରନ୍ଦର ବିଶ୍ୱାଳଙ୍କୁ ଉଡାଜାହାଜ ଚିହ୍ନ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସରୋଜ କୁମାର ପ୍ରଧାନଙ୍କୁ କାନ୍ଥ ଘଣ୍ଟା ଚିହ୍ନ ମିଳିଛି। ତେବେ ଓମ୍ପା ପକ୍ଷରୁ ଗଠିତ ବିର୍ବାଚନ ପରିଚାଳନା କମିଟି ପକ୍ଷରୁ ଆଜି କର୍ମକର୍ତ୍ତା ମାନଙ୍କୁ ଏହି ଚିହ୍ନ ମିଳିଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ସହିତ ଉପଦେଷ୍ଟା କମିଟି ପାଇଁ କେଶବ ଚନ୍ଦ୍ର ସେନାପତି, ବୈକୁଣ୍ଠ ନାରାୟଣ ଦାସ, ଆଦିକନ୍ଦ ମହାନ୍ତି, ସୁରେନ୍ଦ୍ର କୁମାର ବାରିକ, ନିରଞ୍ଜନ ଖଟୁଆ ଓ ବେଣୁଧର ନାୟକ ପ୍ରମୁଖ ରହିଛନ୍ତି। ଆସନ୍ତା ୯ ତାରିଖ ସକାଳ ୮ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଅଠରବାଙ୍କୀ ଓମ୍ପା କାର୍ଯ୍ୟାଳୟରେ ମତଦାନ ଗ୍ରହଣ କରାଯିବ। ସେହିଦିନ ମତଦାନ ପରେ ସନ୍ଧ୍ୟାରେ ଫଳାଫଳ ଘୋଷଣା କରାଯିବ। କାଲିଠାରୁ ଉଭୟ ଟିମ ପକ୍ଷରୁ ନିର୍ବାଚନ ପ୍ରଚାର ଆରମ୍ଭ ହେବ।

## ନିୟମ ମାନୁନାହାନ୍ତି ବେସରକାରୀ ଶିକ୍ଷାନୁଷ୍ଠାନ

ଜଗତସିଂହପୁର,୩୧।୩ (ସମିସ): ସମଗ୍ର ରାଜ୍ୟରେ ଖୋଲିଥିବା ବେସରକାରୀ ଶିକ୍ଷାନୁଷ୍ଠାନକୁ ଏନ୍‌ଓସି ପ୍ରଦାନ ପାଇଁ ସରକାରଙ୍କର ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ରହିଛି। ହେଲେ ଜଗତସିଂହପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଯାଉଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଓଡିଶା ଅଭିଭାବକ ମହାସଂଘ ମଧ୍ୟ ଏଥିପାଇଁ କ୍ଷୋଭ ବ୍ୟକ୍ତ କରିବା ସହିତ କିଛିଦିନ ତଳେ ଜିଲ୍ଲା ଶିକ୍ଷା ଅଧିକାରୀ ନୀରଞ୍ଜନ ବେହେରାଙ୍କୁ ସାକ୍ଷାତ କରି ଏସମ୍ପର୍କୀତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ମାର୍ଗଦର୍ଶିକାକୁ ଉଲ୍ଲଂଘନ କରୁଥିବା କେତେକ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଲୋଭିତ କରି ଅନୁମତି ପତ୍ର ହାସଲ କରିଥିବା ନଜିର ରହିଛି ବୋଲି ଅଭିଭାବକ ମହାସଂଘ ଅଭିଯୋଗ ଉଠାଇଛି। ଶିକ୍ଷା ବିଭାଗ ଏ ଦିଗରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି।



### ପୂର୍ବତନ ବିଧାୟକ ଦେବେନ୍ଦ୍ରନାଥ ଶର୍ମାଙ୍କ ସ୍ମୃତିସଭା

# ଶ୍ରଦ୍ଧାଞ୍ଜଳି ଦେଲେ ବହୁ ରାଜନେତା





**ଆଳି,୩୧।୩ (ସମିସ):**

ଆଳିର ପୂର୍ବତନ ବିଧାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ କ୍ରୀଡ଼ାବିତ ଦିବଙ୍ଗତ ଲଢୁଆ ନେତା ସ୍ୱର୍ଗତ ଦେବେନ୍ଦ୍ର ନାଥ ଶର୍ମାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଆଳି ଆଦର୍ଶ ବିଦ୍ୟାଳୟ ପାଖ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ବରିଷ୍ଠ ବିଧାୟକ ସୁର ରାଉତରାୟ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ପ୍ରତାପ କେଶରୀ ଦେବ, ବ୍ୟୋମକେଶ ରାୟ, ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଲେଖ ଜେନା, ବରିଷ୍ଠ କଂଗ୍ରେସ ନେତା ପଦ୍ମକର ଗୁରୁ, ସିଦ୍ଧାର୍ଥ ରାଉତରାୟ, ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗ ଦେବା ସହ ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ, ପୂର୍ବତନ ବିଧାୟକଙ୍କ ସମେତ ବହୁ ପୁରୁଖା ରାଜନେତା ଓ ସାଧାରଣ ଲୋକ ଯୋଗଦେଇ ଦେବେନ୍ଦ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଦେବେନ୍ଦ୍ର ତାଙ୍କ ରାଜନୀତି ସମୟରେ ଆଳି ନିର୍ବାଚନ ମଣ୍ଡଳୀର ବିକାଶ କ୍ଷେତ୍ରରେ ଯେଉଁ ପଦକ୍ଷେପ ନେଇଥିଲେ, ତାହା ଆଜି ବି ମନେପଡୁଛି । ଜଣେ ଲଢୁଆ ବିଧାୟକ ଭାବେ ସେ ବିଧାନସଭାରେ ମଧ ନିଜର ଦମ୍ ଦେଖାଇବା ସହିତ ନିର୍ବାଚନ ମଣ୍ଡଳୀ ବିକାଶ କ୍ଷେତ୍ରରେ ଅନେକ ନିଷ୍ପତି ନେଇଥିଲେ। ଗମନା ଗମନଠୁ ଆରମ୍ଭ କରି ଅନେକ ବିକାଶ ମୂଳକ କାର୍ଯ୍ୟ ତାଙ୍କ ସମୟରେ ହୋଇଛି । ସେ ଜଣେ ସ୍ପଷ୍ଟବାଦୀ, ସ୍ନେହୀ ଦରଦି ମଣିଷ ଭାବେ ସମସ୍ତଙ୍କ ପ୍ରିୟ ହୋଇ ପାରିଥିଲେ। ଏହି ସ୍ମୃତି ସଭାରେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଲଳିତ ବେହେରା, ଭୀଷ୍ମ ମହାନ୍ତି, ଧନ ରଞ୍ଜନ ବୋଷଙ୍କ ସମେତ ଅନେକ ନେତା ସୁଶ୍ରୀଦେବୀଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ଦଳଗତ ନିର୍ବିଶେଷରେ ସମସ୍ତ ଦଳର ଅନେକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ହଜାର ହଜାର ଦେବେନ୍ଦ୍ର ପ୍ରେମୀଙ୍କ ଜନସମାଗମ ଆଳି ଅଞ୍ଚଳକୁ ଲୋକାରଣ୍ୟ କରିଥିଲା। ଏହି ସ୍ମୃତିସଭାକୁ ମଙ୍ଗୁଳି ଚରଣ ବେହେରା ଏବଂ ନୀଳାଦ୍ରି ଭୂଷଣ ମହାପାତ୍ର ସଂଯୋଜନା କରିଥିଲା ବେଳେ ଦେବେନ୍ଦ୍ରଙ୍କୁ ଭଲପାଉଥିବା ଶତାଧିକ ଯୁବକ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ କରିଥିଲେ।

## ଗୋପାଳ ତ୍ରିପାଠୀ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଡେରାବିଶ , ୩୧।୩(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳି ଖୋଳପଡ଼ିଆରେ ଆୟୋଜିତ ଗୋପାଳ ତ୍ରିପାଠୀ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ ଗୋଟି କ୍ରିକେଟ୍ ଟିମ୍‌କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଗତକାଲି ଫାଇନାଲ୍ ମ୍ୟାଚ୍‌ରେ ହରଚଣ୍ଡୀ କ୍ରିକେଟ୍ କ୍ଲବ ଓ ଅର୍ତାମୂଳ କ୍ରିକେଟ୍ କ୍ଲବ ପରସ୍ପରକୁ ଭେଟିଥିଲେ। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ହରଚଣ୍ଡୀ କ୍ରିକେଟ୍ କ୍ଲବ ୧ରନ୍‌ରେ ବିଜେତା ହୋଇଥିଲେ। ପ୍ରଥମେ ହରଚଣ୍ଡୀ କ୍ରିକେଟ୍ କ୍ଲବ ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୧୮୦ ରନ୍ କରିଥିବା ବେଳେ ଅର୍ତାମୂଳ କ୍ରିକେଟ୍ ଟିମ୍ ସମସ୍ତ ଓଭର ଖେଳି ୧୭୯ ରନ୍ କରିବାକୁ ସମର୍ଥ ହୋଇଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ମୁଖ୍ୟ ଅତିଥି ଓ ଦାନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା ହରଚଣ୍ଡି କ୍ରିକେଟ୍ ଟିମ୍‌କୁ ଚମ୍ପିଆନ ଟ୍ରଫି ଓ ରନର୍ସ ଅପ୍ ଅର୍ତାମୂଳ ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଆମ୍ପାୟାର ଭାବେ ଦିଲୀପ କୁମାର ଦାଶ, ଓମ୍ ପ୍ରକାଶ ଦାସ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟର ଆୟୋଜକ ଦାନପୁର କ୍ରିକେଟ୍ କ୍ଲବର ଅମୀୟ କୁମାର ନାୟକ, ତୁଷାରବିନ୍ଦ ଦାଶ, ସୌମ୍ୟକ ଦାଶ, ସରୋଜ ମହାନ୍ତି, ମନୋରଞ୍ଜନ ନାୟକ, ଆକାଶ ନାୟକ, ମନୋରଞ୍ଜନ ସାହୁ, ସୌମ୍ୟ ପଣ୍ଡା ଓ ସମ୍ବିତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଆନନ୍ଦ ମାର୍ଗ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା,୩୧।୩(ସମିସ):** କେନ୍ଦ୍ରାପଡ଼ା ସହର ଉପକଣ୍ଠରେ କପାଳେଶର ସ୍ଥିତ ଆନନ୍ଦ ମାର୍ଗ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ମହାରଣା ସଭାପତିତ୍ୱ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ମୁଖ୍ୟ ଆଚାର୍ଯ୍ୟ ବିକାଶ ନନ୍ଦ ଅବଦୂତ ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟ ନାରାୟଣ ମିଶ୍ର ମୁଖ୍ୟ ବକ୍ତା ଭାବେ କାହ୍ନୁ ଚରଣ ବେଉରା, ସମ୍ମାନିତ ଅତଥି ଭାବେ ପ୍ରୀୟକ୍ରିଷ୍ଣା ନନ୍ଦ ଅବଦୁତ ଓ ଆନନ୍ଦ ମାର୍ଗ ଶିକ୍ଷା ସମ୍ପାଦକ ସମ୍ମାନିତ ଅତିଥିରୂପେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, କପାଳେଶ୍ୱର୍ ସରପଞ୍ଚ କଳ୍ପନା ମହାନ୍ତି ସମାଜସେବୀ ହର୍ଷବର୍ଦ୍ଧନ ଲେଙ୍କା , ବିଷ୍ଣୁ ମହାପାତ୍ର ପରିଚାଳନା କରିଥିଲେ। ପ୍ରମୋଦ କୁମାର ଦେବ ଗଣେଶ ଚନ୍ଦ୍ର ପରିଡ଼ା ଛାତ୍ରାଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଇଥିଲେ। ପାରଦର୍ଶିତା କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟତ୍ରୀ ଅନୁରାଧା ସିଂହ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଜେଡିର ସାଙ୍ଗଠନିକ ବୈଠକ



**କଣିହାଁ,୩୧।୩(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକର ୮ ଓ ୧୦ନଂ ଜୋନ ବିଜେଡିର ସାଙ୍ଗଠନିକ ବୈଠକ ସୋମବାର ପବିତ୍ରନଗର ସତସଙ୍ଗ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଳ ଯୋଗଦେଇ କହିଲେ, ରାଜ୍ୟ ବିଜେପି ସରକାର ଚାଷୀମାରଣ ନୀତିରେ ସୀମା ଟପିଛି। କଟନିଛଟନୀରେ ଚାଷୀ ଅହେତୁକ କ୍ଷତି ସହିଛନ୍ତି। ମିଲରଙ୍କ ସହ ମଧୁଚନ୍ଦ୍ରିକା କରି ସରକାର ଭଲ ମୁନଫା ଉଠାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ସରକାରର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କରିବାରେ ବ୍ୟସ୍ତ ରହିଛନ୍ତି ବୋଲି ସେ କହିଥିଲେ। ସରକାର ଓ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତିଙ୍କ ଅପାରଗତା ଓ ସ୍ଥାଣୁତା ନେଇ ସେ ଉଦବେଗ ପ୍ରକାଶ କରିଥିଲେ। ୱାର୍ଡ ଓ ପଞ୍ଚାୟତ ସ୍ତରରେ ନୂତନ କମିଟି ଗଠନ କରିବା ସହ ବିଜେଡି କାର୍ଯ୍ୟକର୍ତ୍ତାମାନେ ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ସଂଗଠନ ଉପରେ ସୁଚିନ୍ତିତ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସୁବାସ ଚନ୍ଦ୍ର ମହାନ୍ତି, ଗଗନ ରାଉତ, ଯୁଗଳ କିଶୋର ସାହୁ, ପର୍ଶୁରାମ ବିଶ୍ୱାଳ, ଝସକେତନ ପ୍ରଧାନ, ଗିରୀଶ ସାହୁ, ଦେବାଶିଷ ମହାନ୍ତି, କରୁଣାକର ପ୍ରଧାନ, ପୁରୁଷୋତ୍ତମ ସାହୁ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ ସାହୁ, ମାଧବ ସାମଲ, ବାବୁଲା ପ୍ରଧାନ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ଦଳ ସମର୍ଥିତ ନିର୍ବାଚିତ ଜନପ୍ରତିନିଧି ଓ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥଲେ।

# ବାଦ ବିବାଦ, କଟନୀ ଛଟନୀ ମଧ୍ୟରେ ସରିଲା ଧାନକ୍ରୟ

**ଢେଙ୍କାନାଳ,୩୧।୩(ସମିସ):**

ଢେଙ୍କାନାଳ ଜିଲ୍ଲାରେ ବହୁ ବାଦ ବିବାଦ, କଟନୀ ଛଟନୀ, ମିଲରଙ୍କ ଅସନ୍ତୋଷ ମଧ୍ୟରେ ଧାନକ୍ରୟ ଏକପ୍ରକାର ଶେଷ ହୋଇଛି। ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲାରେ ଧାନ ମଣ୍ଡିରେ ସର୍ବାଧିକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଧାନକିଣା ଶେଷ ହେଉଥିବା ବେଳେ ବର୍ତ୍ତମାନ ମଧ ଅନେକ ଚାଷୀ ଧାନ ବିକିବାକୁ ଚାହିଁ ବସିଛନ୍ତି।

ଢେଙ୍କାନାଳ ଜିଲ୍ଲାରେ ଖରିଫ ପାଇଁ ଜାନୁଆରୀ ୯ ତାରିଖରୁ ପର୍ଯ୍ୟାୟ କ୍ରମେ ପଞ୍ଜୀକରଣ କରିଥିବା ୫୪ ହଜାର ୬୫୮ ଚାଷୀଙ୍କଠାରୁ ୮୮ ମଣ୍ଡି ମାଧ୍ୟମରେ ୧୩ ଲକ୍ଷ ୯୫ ହଜାର ୩୦୮ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଚଳିତ ବର୍ଷ ଏଫ୍ଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦ ଟଙ୍କା ରହିଥିଲା। ଏହାବାଦ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନପୁଟ ଆସିଷ୍ଟାନ୍ସ ମଧ୍ୟ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନେଇଥିଲେ। ଧାନର ମାନ ପରୀକ୍ଷଣ ପାଇଁ ଯନ୍ତ୍ର ବ୍ୟବହାର ଏବଂ ସମସ୍ତ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। କିନ୍ତୁ ଜିଲ୍ଲାରେ ମାତ୍ର ୨ଟି ପ୍ୟାଡି କ୍ଲିନର୍ ଥିବାବେଳେ ଗ୍ରେନ ଆନାଲାଇଜର ନ ଥିଲା। ଫଳରେ ୧୦୯ କେନ୍ଦ୍ରରେ କିପରି ଧାନର ମାନ ପରୀକ୍ଷଣ କରାଯିବ ତାକୁ ନେଇ ପ୍ରଶ୍ନ ଉଠିଥିଲା। ଧାନକିଣାକୁ ନେଇ ଜିଲ୍ଲାରେ ମିଲରଙ୍କ

- ମିଲରଙ୍କ ଅସନ୍ତୋଷ, ଚାଷୀ ନିରାଶ
- ଏବେ ବି ଧାନ ବିକିବାକୁ ଅପେକ୍ଷାରେ ଚାଷୀ

ଆନ୍ଦୋଳନ ମଧ ପ୍ରଶାସନକୁ ନାକେଦମ୍ କରିଥିଲା। ୩୭ କେଜି ୫ଶହ ଗ୍ରାମ ଅନୁସାରେ ପ୍ୟାକ୍ କରି ଦେଲେ ଧାନ ଉଠିବ ବୋଲି ଦାବିକରି ମିଲରମାନେ ଆନ୍ଦୋଳନ ଚଳାଇଥିଲେ। ସରକାର ଭଲ ଧାନ ଦିଅନ୍ତୁ ଚାଉଳ ନିଅନ୍ତୁ ବୋଲି କିହବା ସହିତ ସରକାର ବ୍ୟବସ୍ଥା କଲେ ଏଗ୍ରିମେଣ୍ଟ କରିବାକୁ ଦାବି କରିଥିଲେ। ଏପରି ବାଦ ବିବାଦରେ ଢେଙ୍କାନାଳ ଜିଲ୍ଲାରେ ଜାନୁଆରୀ ୧୫ରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ତେବେ ମିଲରଙ୍କ ଆନ୍ଦୋଳନ ଓ ଅସହଯୋଗ ଯୋଗୁଁ ଜାନୁଆରୀ ୨୪ରୁ ଦୀର୍ଘ ୫ଦିନ ବିଭିନ୍ନ ମଣ୍ଡି ବନ୍ଦ ରହିଥିଲା। ଏଫଏକ୍ୟୁ ମାନର ଧାନ ନ ଥିବାରୁ ମିଲରମାନେ ଧାନ ଉଠାଇବାକୁ ରାଜି ହୋଇ ନ ଥିବା ବେଳେ ଧାନବିକ୍ରିକୁ ନେଇ ଶତାଧିକ ଚାଷୀ କପିଳାସ-ଯୋରନ୍ଦା-ଢେଙ୍କାନାଳ ରାସ୍ତାରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଏହି ସମସ୍ୟାର ସମାଧାନ ପରେ ଧାନକିଣା ଆରମ୍ଭ ହୋଇଥିଲେ ମଧ କଟନୀ ଛଟନୀ ଅଭିଯୋଗ ଆସିଥିଲା। ଅନ୍ୟପଟେ ଚାଷୀଙ୍କ ଖାତାକୁ ଧାନ ବିକ୍ରିର ୭୨ ଘଣ୍ଟା ମଧ୍ୟରେ ଟଙ୍କା ଆସିଯିବ ବୋଲି କୁହାଯାଇଥିବା ବେଳେ କେତେକ ସ୍ଥଳରେ ୭ ଦିନ ପରେ ମଧ ଟଙ୍କା ଆସି ନ ଥିବା ଅଭିଯୋଗ ହୋଇଥିଲା। ସେହିପରି ଧାନ ଅମଳ ସମୟରେ ଅଦିନିଆ ବର୍ଷା ଏବଂ ହାତୀ ଉପଦ୍ରବ ଏଫଏକ୍ୟୁ ମାନର ଧାନ ପାଇଁ କଣ୍ଟା ସାଜିଥିଲା। ମାର୍ଚ୍ଚ ୩୧ ଧାନକିଣାର ଶେଷ ଦିନ ରହିଥିବା ବେଳେ ଏପରି ଅନେକ କାରଣ ଯୋଗୁଁ ଜିଲ୍ଲାରେ ଅନେକ ଚାଷୀ ଏବେ ବି ଧାନ ବିକ୍ରି କରିପାରି ନ ଥିବା ଜଣାପଡ଼ିଛି।

ସେହିପରି ବିଭିନ୍ନ ମଣ୍ଡିରେ କର୍ମଚାରୀମାନେ ନିଜ ନିଜ ସମ୍ପର୍କୀୟଙ୍କ ନାମରେ ଖାତା ଖୋଲି ଧାନ ବିକ୍ରି କରିଥିବା ଜଣାପଡ଼ିଛି। ଜମି ନ ଥିବା ଏବଂ ଚାଷ କରୁ ନ ଥିବା ବହୁ ଲୋକ ଧାନ ବିକ୍ରି କରିଥିବା ବେଳେ ପ୍ରକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଦଲାଲମାନେ ମଧ ଚଳିତ ବର୍ଷ ସବୁଠାରୁ ଅଧିକ ଲାଭବାନ ହୋଇଛନ୍ତି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସରକାର ୭୩.୮ ଲକ୍ଷ ମେଟ୍ରିକ ଟନ ଧାନକ୍ରୟ କରିଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଚଳିତ ବର୍ଷ ରେକର୍ଡ ପରିମାଣର ଧାନ କ୍ରୟ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ସରକାର ୭୭ ଲକ୍ଷ ମେଟ୍ରିକ ଟନ ଧାନ କିଣିବା ପାଇଁ ଲକ୍ଷ୍ୟ ରଖିଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୪ ଲକ୍ଷ ମେଟ୍ରିକ ଟନ ଧାନ କିଣା ସରିଥିବା ମନ୍ତ୍ରୀ କହିଛନ୍ତି। ଗତବର୍ଷ ୫୮ ଲକ୍ଷ ମେଟ୍ରିକ ଟନ ଧାନ କିଣାଯାଇଥିଲା। ସେହି ତୁଳନାରେ ଏ ବର୍ଷ ଢେର୍ ଅଧିକ ଧାନ କିଣାଯାଇଥିବା ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଚଳିତ ବର୍ଷ କାଁଭାଁ କଟନୀ ଛଟନୀ ଅଭିଯୋଗ ଆସିଛି। ସେଗୁଡ଼ିକର ତୁରନ୍ତ ସମାଧାନ ହୋଇଛି। ଆଗାମୀ ଦିନରେ ସମସ୍ତ ମଣ୍ଡିର ଭିତ୍ତିଭୂମି ସୁଦୃଢ଼ କରାଯିବ। ସବୁ ମଣ୍ଡିକୁ ମଡେଲ ମଣ୍ଡି କରାଯିବ ବୋଲି ମନ୍ତ୍ରୀ ପାତ୍ର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଶ୍ରାଦ୍ଧବାର୍ଷିକୀରେ ଝରଣାଙ୍କୁ ଶ୍ରଦ୍ଧାଞ୍ଜଳି

**ମଣିଜଙ୍ଗା,୩୧।୩(ସମିସ):** କୁରାଳ ସମାଜର ଆରାଧ କ୍ଷେତ୍ର ଅଷ୍ଟଚକ୍ର କ୍ଷେତ୍ରର ସଂସ୍ଥାପକ, ନାରୀ ସଶକ୍ତିକରଣର ଅନ୍ୟତମ ଉଦାହରଣ ଝରଣା ମୁଦୁଲିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଇବ୍ରିସିଂ ପଞ୍ଚାୟତର ସାନିଲୋ ଠାରେ ଆଜି ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସାନିଲୋ ମଠର ଅଧିକାରୀ ମହନ୍ତ ଶ୍ରୀ ମଦନ ମୋହନ ଦାସ ମୁଖ୍ୟ ଅତିଥି



ଭାବେ ଯୋଗ ଦେଇଥିଲେ। ମହନ୍ତ ଶ୍ରୀ ଦାଶ ସ୍ୱର୍ଗତ ଝରଣା ମୁଦୁଲିଙ୍କ ସଂଘର୍ଷମୟ କାହାଣୀର ସ୍ମୃତିଚାରଣ କରିବା ସହ ତାଙ୍କର ପରିଶ୍ରମ ଅନ୍ୟ ମହିଳାମାନଙ୍କ ପାଇଁ ଉଦାହରଣ ହୋଇ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ସ୍ୱର୍ଗତ ଝରଣା ମୁଦୁଲିଙ୍କ ପୁଅ ବନମାଳୀ ମୁଦୁଲି, ଅଜୟ ମୁଦୁଲି, ବୋହୂ ଆନନ୍ଦଲକ୍ଷ୍ମୀ ମୁଦୁଲି, ଶ୍ରୀମତୀ ମୁଦୁଲି, ରେଣୁବାଳା ମୁଦୁଲି, ସସ୍ମିତା ମୁଦୁଲି, ପୁଅ ରଶ୍ମି ରଂଜନ ମୁଦୁଲି, ନାତି ଦୀପକ ମୁଦୁଲି ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ବିହାରୀ ଯୁବକଙ୍କ ଆତ୍ମହତ୍ୟା

**ପାରାଦୀପ, ୩୧।୩ (ସମିସ) :** ସ୍ଥାନୀୟ ଏଗ କମ୍ପାନୀରେ କାମ କରୁଥିବା ଜଣେ ବିହାରୀ ଯୁବକ ଗତକାଲି ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କର ନାମ ମୃତ୍ୟୁଞ୍ଜୟ କୁମାର ଡାଙ୍ଗି (୨୫) । ସେ ଲକ୍ ଥାନା ଅଧିନ ଜିରୋ ପଏଣ୍ଟ ନିକଟରେ ଘର ଭଡା ନେଇ ରହୁଥିଲେ। ଶନିବାର ରାତିରେ ପାଖରେ କେହି ନଥିବାର ସୁଯୋଗ ନେଇ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ନିକଟରେ ରହୁଥିବା ପଡ଼ିଶା ଲୋକେ ଅଠରବାଙ୍କୀ ମେଡିକାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ମୃତ୍ୟୁରର ସଠିକ୍ କାରଣ ଜଣାପଡ଼ିନାହିଁ। ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଯୁବକଙ୍କ ବାପା ଲକଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ନିମପୁରଶାସନ ହାଇସ୍କୁଲରେ ଆମ ସଂସ୍କୃତି ଆଲୋଚନାଚକ୍ର



**ପଟ୍ଟାମୁଣ୍ଡାଇ/ମାଳିପୁର,୩୧।୩ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ନିମପୁରଶାସନ ନୋଡାଲ ହାଇସ୍କୁଲରେ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତପନ କୁମାର ରାୟଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ମଦନପୁର ହାଇସ୍କୁଲ ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ, ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ଆଚାର୍ଯ୍ୟ, ସରପଞ୍ଚ ସଂଗ୍ରାମ ବାରିକ, ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ , ସ୍କୁଲ କମିଟି ସଭାପତି ବାସୁଦେବ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମମତା ଷଡ଼ଙ୍ଗୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସହକାରୀ ଶିକ୍ଷୟତ୍ରୀ ମିନତୀ ଜେନା , ଜନ୍ମେଞ୍ଜୟ ସ୍ୱାଇଁ, ପ୍ରଜ୍ଞା ମହାଳି, ହରିଶଙ୍କର ନାଥ, ଗୀତାଞ୍ଜଳୀ ମିଶ୍ର, ନିବେଦିତା ଦାସ, ହରପ୍ରିୟା ସାହୁ, ପୂଜା ମଲିକ, ଜୟଶ୍ରୀ ପ୍ରଧାନ, ସ୍ମାରକୀ ପ୍ରିୟଦର୍ଶିନୀ, ସରସ୍ୱତୀ ପଲାଇ, ଶୁଭଶ୍ରୀ ଶୁଭସ୍ମିତା ସାମଲ, ଚନ୍ଦ୍ରଭାନୁ ମଲ୍ଲିକ, ଗଗନ ବିହାରୀ ଭୂୟାଁ, ବିଷ୍ଣୁ ଚରଣ ଧଳ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବାସୁଦେବ ସେଠୀ ଙ୍କୁ ସଂବର୍ଦ୍ଧିତ କରାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ତରଫରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଶିକ୍ଷକ ଅଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ବାଲିପାଟଣାରେ ରକ୍ତଦାନ ଶିବିର



**ପଟ୍ଟାମୁଣ୍ଡାଇ,୩୧।୩(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବାଲିପାଟଣାଠାରେ "ହରାଭାରତ' ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାଲିପାଟଣା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ବିଦୁଲତା ମଲ୍ଲିକ ଓ ହରା ଭାରତ ସଭାପତି ମନୋଜ କୁମାର ନନ୍ଦ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରମୋଦ କୁମାର ଜେନା, ହିମାଂଶୁଭୂଷଣ ଜେନା, ଚିତ୍ତରଞ୍ଜନ ବେହେରା, ସୌମେନ୍ଦ୍ର ନାୟକ, ରାଜଦୀପ ମଲ୍ଲିକ, ଶୁଭ୍ରଜିତ୍ ମଲିକ, ଶୁଭ୍ରଜିତ୍ ଜେନା, ପବିତ୍ର ଜେନା, ଅଭିଶେକ୍ ଜେନା, ସନାତନ ତରାଇ ଶିବ ପ୍ରସାଦ ବେହୁରା, ବର୍ଷା ରାଣୀ ବେହୁରା, ବିନିତା ଜେନା, ସୁଶ୍ରୀ ସଂଗୀତା ଜେନା, ମଧୁସ୍ମିତା ତରାଇ, ପ୍ରିୟଙ୍କା ଜେନା, ସୁଚିତ୍ରା ଜେନା, ଶୁଭସ୍ମିତା ମହାନ୍ତି, ଦେବ ସ୍ମିତା ମହାନ୍ତି, ସୁମିତ୍ରା ଦାସ ପ୍ରମୁଖ ଯୋଗ ଦେଇ ରକ୍ତଦାନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କଟକ ରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ ବ୍ୟବସ୍ଥା କରାଯାଇଥିଲା । ଏହି ରକ୍ତଦାନ ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

## କଷଣଅଣ୍ଡା ହାଇସ୍କୁଲରେ ମାଟ୍ରିକ ଖାତା ମୂଲ୍ୟାୟନ ଶେଷ

**ପଟ୍ଟାମୁଣ୍ଡାଇ,୩୧।୩(ସମିସ):** ଚଳିତବର୍ଷ ଅନୁଷ୍ଠିତ ମାଟ୍ରିକ ପରୀକ୍ଷାର ଖାତା ମୂଲ୍ୟାୟନ ପାଇଁ ବୋର୍ଡ ପକ୍ଷରୁ ପଟ୍ଟାମୁଣ୍ଡାଇ ମୂଲ୍ୟାୟନ କେନ୍ଦ୍ର ଭାବେ କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲଠାରେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପଟ୍ଟାମୁଣ୍ଡାଇ ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଗତ ୧୯ ତାରିଖଠାରୁ ୧୩ ଦିନ ଧରି ଚାଲିଥିଲା। ମାର୍ଚ୍ଚ ୩୧ ତାରିଖ ଦିନ ଏହା ଶେଷ ହୋଇଛି। ଏଥିପାଇଁ ବୋର୍ଡ ପକ୍ଷରୁ ମୋଟ ୨୪୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ମୂଲ୍ୟାୟନ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ।

## ଅଂଶୁଘାତରେ ବୃଦ୍ଧାଙ୍କ ମୃତ୍ୟୁ !

**ଗଁଦିଆ,୩୧।୩(ସମିସ):** ନିହଲପ୍ରସାଦ ଥାନା ଅନ୍ତର୍ଗତ ଦଶମାଣପାଟଣା ଗ୍ରାମ ନିକଟରେ ସୋମବାର ଅଂଶୁଘାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଯାଜପୁର ଜିଲ୍ଲା ବିଛାଖଣ୍ଡି ଗ୍ରାମର ସ୍ୱର୍ଗତ ନିମ ନାଏକଙ୍କ ପତ୍ନୀ ଦୁଃଖୀ ନାଏକ (୬୦)। ପୁଲିସ ସୂଚନା ଅନୁଯାୟୀ, ଦୁଃଖୀ ତାଙ୍କ ଝିଅଘର ପିଙ୍ଗୁଆରେ ରହୁଥିଲେ। ସୋମବାର ଝିଅ କାମ କରିବାକୁ ଯାଇଥିବା ବେଳେ ଦୁଃଖୀ ନିଜ ଗାଁକୁ ଯାଉଥିଲେ। ତେବେ ପ୍ରଚଣ୍ଡ ଖରା ସହି ନ ପାରି ସେ ଦଶମାଣପାଟଣା ଗ୍ରାମ ନିକଟ ଡଙ୍କାରୀ ଜଙ୍ଗଲରେ ଗଛ ଛାଇରେ ବିଶ୍ରାମ ନେଉଥିଲେ। ସେଠାରେ ସେ ଟଳିପଡ଼ିଥିଲେ। ଖବର ପାଇ ପୁଲିସ ଅପରାହ୍ନ ସାଢ଼େ ଗୋଟାଏରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

